**ଡିକି ଭାଙ୍ଗି ୮୫ହଜାର ଲୁଟ୍**

ପଦ୍ମପୁର(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁରରେ ବୁଧବାର ବାଇକ୍ ଡିକି ଭାଙ୍ଗି ୮୫ହଜାର ଟଙ୍କା ଲୁଟ୍ ହୋଇଛି । ବୁଢ଼େନ ଥାନା ଅନ୍ତର୍ଗତ ବାନ୍ଧପାଲି ଗ୍ରାମର ଜନକ ସାହୁ ପଦ୍ମପୁରକୁ ଆସିଥିବା ବେଳେ ତାଙ୍କ ଟଙ୍କା ଲୁଟ୍ ହୋଇଥିଲା । ସେ ଏ ନେଇ ଥାନାରେ ଏତଲା ଦେବା ପରେ ପଦ୍ମପୁର ପୋଲିସ ଏକ ମାମଲା (ନଂ.୩୦୦/୨୦) ରୁଜୁ କରି ତଦନ୍ତ କରୁଛି ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା: ୪ ଗୁରୁତର

**କର୍ଲାମୁଣ୍ଡା, ୯।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପଞ୍ଚାୟତ ପାଣି ପଞ୍ଚାୟତ କାର୍ଯ୍ୟାଳୟ କେନାଲ ଛକଠାରେ ବୁଧବାର ୧ଟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ବାଇକରେ ଥିବା ୪ଜଣ ଗୁରୁତର ହୋଇଛନ୍ତି। କର୍ଲାମୁଣ୍ଡା ପଟୁ ଏକ ବୁଲେଟରେ ବୀରେନ୍ଦ୍ର ସାହୁ (୫୫), ହୀରାଧର ସାହୁ (୫୦) ନିଜ ଗାଁ ଝାରମୁଣ୍ଡା ଫେରୁଥିଲେ। ରାଜପୁର ବାଙ୍ଗିପଦରରୁ ବାଇକ ଯୋଗେ ଯୁଗେଶ୍ୱର ସାହୁ (୪୨) ଓ ତାଙ୍କ ମା' ଲଳିତା ସାହୁ (୬୫) କେନାଲ ରାସ୍ତାରେ କର୍ଲାମୁଣ୍ଡାକୁ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତରଙ୍କୁ ଭବାନୀପାଟଣା ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ଜବତ କରିଛି।

### ୩୧ କୁଇଣ୍ଟାଲ ମହୁଲ ପୋଚ ସହ ମଦ ନଷ୍ଟ କଲା ଅବକାରୀ

**ଜୁନାଗଡ, ୯।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା ସୁପେଲ, ଏକନାଗୁଡା ନିକଟ ଆମଖୋଲା ପାହାଡ ଓ ବରଗାଁରେ ଚାଲିଥିବା ବେଆଇନ ମଦ କାରବାର ଉପରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସୁପେଲ ଗ୍ରାମରେ ୮କୁଇଣ୍ଟାଲ ମହୁଲ ପୋଚ ଓ ଆମଖୋଲା ପାହାଡରେ ୨୩ କୁଇଣ୍ଟାଲ ମହୁଲ ପୋଚ ସହ ୫୦ ଲିଟର ଦେଶୀ ହାତରନ୍ଧା ମଦ, ସାମଗ୍ରୀ ଜବତ କରାଯାଇଥିଲା। ଘଟଣା ସ୍ଥଳରେ ବିଭାଗ ପକ୍ଷରୁ ସେସବୁକୁ ନଷ୍ଟ କରାଯାଇଥିଲା। ସେହିପରି ବରଗାଁର ଈଶ୍ୱର ଚଣ୍ଡି ଓ ମହିଲାଲ ବାଗଙ୍କଠାରୁ ୧୫ ଲିଟର ଭାଟିମଦ ଜବତ କରାଯାଇଥିଲା। ଚଢ଼ାଉରେ ଧର୍ମଗଡ ରେଞ୍ଜ ଅବକାରୀ ନିରୀକ୍ଷକ ଲଳିତ ମୋହନ ମିଶ୍ର, ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ ନିରୀକ୍ଷକ ଦିଲୀପ କୁମାର ରଥ, ଜୁନାଗଡ ଅବକାରୀ ଉପନିରୀକ୍ଷକ ହୀରାବତି ଥାଟି, ଏଏସ୍ଆଇ ସଚଳା ପାଣି, ଜୋଗେଶ୍ୱରୀ ନାଏକ, ଅଶୋକ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।

### କେନ୍ଦ୍ର କୃଷି ଆଇନ ବିରୋଧରେ ଦାବିପତ୍ର

**ଭବାନୀପାଟଣା, ୯।୧୨ (ଡି.ଏନ.ଏ.)** କେନ୍ଦ୍ର ସରକାର ଆଣିଥିବା ନୂତନ ୩ଟି କୃଷି ଆଇନ ବିରୋଧରେ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୃଷି ଆଇନକୁ ବାତିଲ କରିବା ସହ ଚାଷୀ ଆନ୍ଦୋଳନରେ ଶହୀଦ ହୋଇଥିବା ଚାଷୀ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ବହୁଜନ କ୍ରାନ୍ତି ମୋର୍ଚ୍ଚା ସଂଯୋଜକ ରିଷିସୂଦନ ଛତ୍ରପାଲ, ରାଷ୍ଟ୍ରୀୟ କିଷାନ ମୋର୍ଚ୍ଚା ରାଜ୍ୟ ସଭାପତି କୀର୍ତ୍ତି ଚନ୍ଦ୍ର ଗୌଡ, ସୁରେଶ ଚନ୍ଦନ, ଯୁବରାଜ ଛତ୍ରିଆ, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ରାଜ୍ୟ ସଭାପତି ଜଗଦୀଶ ଯାଦବ, କିରନ ଗୋପାଲ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ଭବାନୀପାଟଣା ସଭାପତି ନିରଞ୍ଜନ ନାଏକ, ରାଷ୍ଟ୍ରୀୟ ମୁସଲିମ ମୋର୍ଚ୍ଚାର ଶେଖ୍ ଆନସାର ଓ କିଷାନ ମୋର୍ଚ୍ଚାର ବାଲେଶ୍ୱର ହରପାଲ, ଶରତ ସାହୁ, ଯୁବା ବେରୋଜଗାର ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଠାକୁର ମଙ୍ଗରାଜ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ରାଜକିଶୋର ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଲୋଇସିଂହା, ୯।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ଲୋଇସିଂହା ଓ କୁଶମେଲ ଭାଜପା ମଣ୍ଡଳର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରିଥିଲେ। ଭାଜପାର ଇତିହାସ ଓ ବିକାଶ ଉପରେ କର୍ମୀମାନଙ୍କୁ ମୁଖ୍ୟଅତିଥି ସିଂଦେଓ ଆଲୋକପାତ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ନୂଆ କୃଷିନୀତିକୁ ନେଇ ବିରୋଧୀ ଭ୍ରମ ସୃଷ୍ଟି କରୁଛନ୍ତି। କଂଗ୍ରେସ ସମର୍ଥିତ ରାଜ୍ୟରେ କେବଳ ଭାରତ ବନ୍ଦ ସଫଳ ହୋଇଛି, ବାକି ସ୍ଥାନରେ ଏହା ପ୍ରଭାବ ଶୂନ୍ୟଥିବା ସେ କହିଥିଲେ। ବ୍ୟକ୍ତିତ୍ୱର ବିକାଶ ଉପରେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ ରାମଚନ୍ଦ୍ର ପଟେଲ। ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ଦଳୀୟ ନେତା ଅନନ୍ତ ଦାସ, ଲୋଇସିଂହା ମଣ୍ଡଳ ସଭାପତି ସରୋଜ ସାହୁ, କିଶୋର ପଟେଲ, ସୁଦୀପ ସା, ଭୂତନାଥ ନାଏକ, ଗୌରାଙ୍ଗ ନାଏକ, ରଶ୍ମିରଞ୍ଜନ ପଧାନ, ରାଜୁ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ପର୍ଯ୍ୟଟନ ଋତୁରେ କରୋନା ଭୟ

- ହରିଶଙ୍କର, ରାଣୀପୁର-ଝରିଆଲ, ଭୀମଡୁଙ୍ଗୁରିକୁ ଛୁଟୁଛନ୍ତି ପର୍ଯ୍ୟଟକ
- କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ଆଶଙ୍କା

**ବଲାଙ୍ଗୀର ଅଫିସ, ୯।୧୨**

ବଲାଙ୍ଗୀର ଜିଲାରେ ପ୍ରସିଦ୍ଧ ହରିଶଙ୍କର, ରାଣୀପୁର-ଝରିଆଲ, ଭୀମ୍‌ଡୁଙ୍ଗୁରି, କୁମୁଡ଼ାପାହାଡ଼, ଜଳମହାଦେବ ଭଳି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ଏଠାରେ ବର୍ଷତମାମ ପର୍ଯ୍ୟଟକ ଓ ପିକ୍‌ନିକ୍ ଦଳଙ୍କ ଭିଡ଼ ଜମେ । ପ୍ରାୟ ୮/୯ ମାସ ହେବ କରୋନା ମହାମାରୀ ଜିଲାର ପର୍ଯ୍ୟଟନ କ୍ଷେତ୍ରକୁ ବହୁ ମାତ୍ରାରେ ପ୍ରଭାବିତ କରିଛି। ଲୋକେ ଘର ଭିତରେ ଆବଦ୍ଧ ହୋଇ ମାନସିକ ଚାପରେ ରହିଛନ୍ତି। କୋଭିଡ୍-୧୯ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିବାରୁ ଏବଂ ଲୋକଙ୍କ ଭିତରେ କରୋନା ସଂକ୍ରମଣ ଭୟ ଲାଗି ରହିଥିବାରୁ ଜିଲାର ପର୍ଯ୍ୟଟନ କ୍ଷେତ୍ର ପୂର୍ବବର୍ଷ ଭଳି ଜାକଜମକ ହୋଇନାହିଁ। ଏବେ ବି ଖାଁ ଖାଁ ରହିଛି ଜିଲାର ଅନେକ ପର୍ଯ୍ୟଟନସ୍ଥଳୀ ଓ ପିକ୍‌ନିକ୍ ସ୍ପଟ୍ । ତେବେ କରୋନା ସଂକ୍ରମଣର ଗ୍ରାଫ୍ କମୁଥିବା ଏବଂ ସାମାଜିକ ଦୂରତ୍ୱ ଓ କୋଭିଡ୍ ଗାଇଡ୍‌ଲାଇନ ଭିତରେ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ପରେ ଏବେ ଜିଲାର ବିଭିନ୍ନ ପର୍ଯ୍ୟଟନ ଓ ପିକ୍‌ନିକ୍ ସ୍ପଟ୍‌ରେ ଧୀରେ ଧୀରେ ଲୋକଙ୍କ ଭିଡ଼ ବଢ଼ିବା ଦେଖାଯାଉଛି ।



ପ୍ରସିଦ୍ଧ ପର୍ଯ୍ୟଟନ ପୀଠ ହରିଶଙ୍କର ।

ପର୍ଯ୍ୟଟନ ଓ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଯାଇଥିବାରୁ ହରିଶଙ୍କର, ରାଣୀପୁର-ଝରିଆଲ, ଭୀମଡୁଙ୍ଗୁରି, କୁମୁଡ଼ାପାହାଡ଼, ମାଗୁରବେଡ଼ା ଦର୍ହ, ଗାଇଖାଇ ପ୍ରକଳ୍ପରେ ଧୀରେ ଧୀରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି । ହରିଶଙ୍କରଠାରେ କରୋନା କଟକଣା ଯୋଗୁ ମନ୍ଦିର ବନ୍ଦ ରହିଛି । ଫଳରେ ଲୋକେ ଦେବଦର୍ଶନ କରିପାରୁନାହାନ୍ତି । ତେବେ ସେଠାକାର ଝରଣା ଓ ସେଲାପଥରରେ ଗାଧୋଇବା ପର୍ଯ୍ୟଟକଙ୍କ ପାଇଁ ସବୁଠୁ ବଡ ଆକର୍ଷଣର କେନ୍ଦ୍ର ପାଲଟିଛି। ମନ୍ଦିର ସୁରକ୍ଷା ଓ କୋଭିଡ୍ ଗାଇଡ୍‌ଲାଇନ ପାଳନ ସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାରେ ଏକ ପ୍ଲାଟୁନ୍ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି । ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନ କରି ପର୍ଯ୍ୟଟକମାନେ ସେଠାରେ ବଣଭୋଜି ଏବଂ ବୁଲାବୁଲି କରିବାକୁ କୁହାଯାଇଛି । ତେବେ ସେଠାରେ ପର୍ଯ୍ୟଟକ ପହଞ୍ଚିଲା ପରେ ସାମାଜିକ ଦୂରତ୍ୱ ପାଳନ ଓ ମାସ୍କ ପରିଧାନ ଛୁ ହୋଇଯାଉଛି। ପର୍ଯ୍ୟଟକଙ୍କ ଏଭଳି ଆଚରଣକୁ ନେଇ ଅନେକ ସଚେତନ ପର୍ଯ୍ୟଟକ ସଂକ୍ରମଣ ଭୟରେ ରହିଥିବା ଦେଖାଯାଉଛି । ଦୀର୍ଘ ୮/୯ ମାସର କରୋନା କଟକଣା ଓ ଭୟ ଏହି ପର୍ଯ୍ୟଟନ କ୍ଷେତ୍ରରେ ରୋଜଗାରକୁ ସମ୍ପୂର୍ଣ୍ଣ ପ୍ରଭାବିତ କରିଛି। ଦୋକାନ ବଜାର ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଏବେ କିଛିଦିନ ହେଲା ପର୍ଯ୍ୟଟକଙ୍କ ଭିଡ ବଢ଼ିବା ପରେ ଦୋକାନ ବଜାର ମଧ୍ୟ ଖୋଲୁଛି । ଭୀମଡୁଙ୍ଗୁରିଠାରେ ମଧ୍ୟ ଦର୍ଶକଙ୍କ ଭିଡ଼ ବଢ଼ୁଛି। ଏଠାରେ ଗୋଟିଏ ପାହାଡ଼ରେ ୬୩ଟି ପ୍ରାକୃତିକ ଗୁମ୍ଫା ରହିଛି । ଏଠାରେ ଥିବା ଜଳାଶୟ କଡ଼ରେ ମଧ୍ୟ ପିକ୍‌ନିକ୍ ଆରମ୍ଭ ହୋଇଯାଇଛି। ପ୍ରତ୍ୟହ ଲୋକଙ୍କ ଭିଡ ବଢ଼ିବାରେ ଲାଗିଛି । ତେବେ ଏହି ପର୍ଯ୍ୟଟନସ୍ଥଳୀ ଓ ପିକ୍‌ନିକ ସ୍ପଟ୍‌ଗୁଡିକରେ ଭିତ୍ତିଭୂମିର ଅଭାବ ରହିଛି । ପର୍ଯ୍ୟଟକଙ୍କ ପାଇଁ ବିଶେଷ ସୁବିଧା ନାହିଁ । କିଛିଦିନ ତଳେ ଓଟିଡିସି ପକ୍ଷରୁ ବଲାଙ୍ଗୀରରୁ ହରିଶଙ୍କରକୁ ଯିବା ଆସିବା କରିବା ପାଇଁ ଏକ ଟୁରିଷ୍ଟ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଥିଲା। ଏଥିରେ ୮୦ କିଲୋମିଟର ଦୂରତା ପାଇଁ ଜଣପିଛା ୧୪୦ ଟଙ୍କା ଯିବା ଆସିବା ଭଡ଼ା ସ୍ଥିର କରାଯାଇଛି। ତେବେ ସବୁଦିନ ଏହା ଚଳାଚଳ କରୁ ନ ଥିବାରୁ ପର୍ଯ୍ୟଟକମାନେ ଏହାର ସୁବିଧା ଉଠାଇ ପାରୁନାହାନ୍ତି । ପିକ୍‌ନିକ୍ ପାଇଁ ଲୋକେ ଏହି ଗାଡ଼ିକୁ ଭଡ଼ାସୂତ୍ରରେ ନେଇପାରିବେ ବୋଲି କୁହାଯାଇଥିଲେ ମଧ୍ୟ ଅଧିକ ଭଡ଼ା କାରଣରୁ ଲୋକେ ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡ଼ିଛି। ଏନେଇ ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଳାଇଙ୍କୁ ପଚରାଯିବାରୁ ପର୍ଯ୍ୟଟନସ୍ଥଳୀକୁ ଖୋଲାଯାଇଥିଲେ ମଧ୍ୟ ସାମାଜିକ ଦୂରତ୍ୱ ଏବଂ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦିଆଯାଉଛି। କୋଭିଡ ଗାଇଡ ଲାଇନ୍ ପାଳନ କରିବାକୁ ପର୍ଯ୍ୟଟକଙ୍କୁ କୁହାଯାଉଛି ବୋଲି କହିଛନ୍ତି।

**(ରିପୋର୍ଟ: ବୀରେନ୍ଦ୍ର କୁମାର ଝାଙ୍କର)**

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ବିବାହିତ ଯୁବକ ଗିରଫ

**ଲୋଇସିଂହା,୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା କୁଟେନପାଲି ପଞ୍ଚାୟତ ଅଞ୍ଚଳରେ ଘରେ ପଶି ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଛି। ଏହି ଘଟଣାର ସମ୍ପୃକ୍ତ ଗୌର ଲୁହାରଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ଥାନାଠାରୁ ୬ କିମି ଦୂରରେ ଥିବା ଉକ୍ତ ଗାଁରେ ଗତ ୨ ତାରିଖ ଅପରାହ୍ଣରେ ନାବାଳିକା ଓ ତାଙ୍କ ଭାଇ ଘରେ ଏକାକୀ ଥିଲେ। ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଗୌର ତାଙ୍କ ଘରେ ପଶି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସେ ଚିତ୍କାର କରିବାରୁ ଏ ନେଇ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ କହି ଅଭିଯୁକ୍ତ ସେଠାରୁ ଖସି ପଳାଇଥିଲେ। ଏଣୁ ଭୟରେ ସେହିଦିନ ସେ ପରିବାର ସଦସ୍ୟଙ୍କୁ ଜଣାଇ ନ ଥିଲେ। ମଙ୍ଗଳବାର ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇବା ପରେ ପୀଡିତା ପରିବାର ଲୋକଙ୍କ ସହ ଲୋଇସିଂହା ଥାନାକୁ ଆସି ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତି କରି ଏକ ମାମଲା(ନଂ.୩୩୮/୨୦) ରୁଜୁ କରି ବୁଧବାର ପୋଲିସ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରିଥିବା ଆଇଆଇସି ଲଳିତା ଲାକ୍ରା କହିଛନ୍ତି।

### ଡ୍ରେନ୍ ନିର୍ମାଣ ବେଳେ ଘର ପାହାଚ ଭାଙ୍ଗିଦେବା ଅଭିଯୋଗ

**ବଲାଙ୍ଗୀର ଅଫିସ, ୯।୧୨**

ବଲାଙ୍ଗୀର ସହର ପ୍ରତାପସାଗରପଡା-ଟିକ୍ରାପଡା-ମାଲପଡା ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ତିଆରି କରାଯାଉଛି। ନୂଆ ରାସ୍ତାରେ ଡ୍ରେନ୍‌ନିର୍ମାଣ ମଧ୍ୟ କରାଯାଇଛି। ନିର୍ମାଣ ସମୟରେ ଡ୍ରେନ ସଂଲଗ୍ନ ଘର ପାହାଚକୁ ଭାଙ୍ଗି ଦିଆଯାଇଥିବା ଟିକ୍ରାପଡାର ଆଡଭୋକେଟ୍ ଅକ୍ଷୟ କୁମାର ପୁରୋହିତ ଅଭିଯୋଗ କରିଛନ୍ତି। ଡ୍ରେନ୍ ତିଆରି ପରେ ସେଠାରେ କଂକ୍ରିଟ୍ ସ୍ଲାବ୍ ପକାଯାଇଛି । ମାତ୍ର ଉକ୍ତ ସ୍ଲାବ୍‌ରୁ ତାଙ୍କ ଘର ମୁହଁକୁ ଲାଗିଥିବା ପାହାଚ ଭାଙ୍ଗି ଦିଆଯାଇଥିବାରୁ ସେ ଯିବା ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ତ୍ତ ବିଭାଗକୁ କହିଥିଲେ ବି କୌଣସି ସୁଫଳ ମିଳିନାହିଁ। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ରଙ୍କୁ ପଚରାଯିବାରୁ ରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ସରକାରୀ ଜମିରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ସେଠାରେ କ'ଣ ହୋଇଛି ଦେଖି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ସିବିଆଇ ତଦନ୍ତ, ବିଧାୟକଙ୍କ ବହିଷ୍କାର ଦାବିରେ ବିକ୍ଷୋଭ




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭବାନୀପାଟଣା,୯।୧୨(ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲାର ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାଶଙ୍କ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ଓ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ଦଳରୁ ବହିଷ୍କାର, ଗିରଫ ଦାବି ନେଇ ବୁଧବାର ଭବାନୀପାଟଣା ସହରରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (କଳାହାଣ୍ଡି ଶାଖା) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୁର୍ନୀତି ବିରୋଧୀ ମହାସଂଘ ସଭାପତି ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭରେ ନରୋତ୍ତମ ତାଣ୍ଡି, ରାଏଚନ ଅଗ୍ରିଆ, ଟୁକୁ ଚଲାନ, ପ୍ରବୀର ତାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

### ଭାରତ ବନ୍ଦ ବେଳେ କଂଗ୍ରେସର ଦାଦାଗିରିକୁ ନିନ୍ଦା କଲା ବିଜେଡି

**କଣ୍ଟାବାଞ୍ଜି, ୯।୧୨(ଡି.ଏନ.ଏ.)**

ଚାଷୀଙ୍କ ହକ୍ ପାଇଁ ମଙ୍ଗଳବାର ଭାରତ ବନ୍ଦ ବେଳେ କଣ୍ଟାବାଞ୍ଜିରେ କଂଗ୍ରେସ କର୍ମୀଙ୍କ ଦାଦାଗିରିକୁ ବିଜେଡି ନିନ୍ଦା କରିଛି। ବୁଧବାର ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସଙ୍କ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି ଯେ, ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ସମର୍ଥକମାନେ ବାଇକ ରାଲି କରି ଦୋକାନ ବଜାର ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ସେହି ସମୟରେ ଶାସ୍ତ୍ରୀ ଛକରେ ଖୋଲାଥିବା ପରିବା ଦୋକାନରେ କେତେକ କଂଗ୍ରେସ କର୍ମୀ ବିରକ୍ତିପ୍ରକାଶ ସହ ପନିପରିବାକୁ ରାସ୍ତାରେ ଫୋପାଡି ଦେଇଥିଲେ। ସେହିପରି ପଣ୍ଡା କମ୍ପ୍ଲେକ୍ସରେ ଖୋଲଥିବା ଏକ ଦୋକାନରୁ ଓମଫେଡ କ୍ଷୀର ପ୍ୟାକେଟ ରାସ୍ତା ଉପରେ ଫୋପାଡି ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ବେହେରା, ଜିଲା ସମ୍ପାଦକ ବିନୟ ବିଭାର ପ୍ରମୁଖ ଉପସ୍ଥିତ ଥିଲେ।

**ଅଭିଯୋଗକୁ କଂଗ୍ରେସର ଖଣ୍ଡନ**

ବିଜେଡିର ଅଭିଯୋଗକୁ ବିଧାୟକ ସାଲୁଜା ଖଣ୍ଡନ କରିଛନ୍ତି। ବନ୍ଦ ବେଳେ ଖୋଲାଥିବା କୌଣସି ଦୋକାନର ସାମଗ୍ରୀକୁ କଂଗ୍ରେସ କର୍ମୀ ଫିଙ୍ଗା ଫୋପଡା କରି ନ ଥିବା କହିଛନ୍ତି।



ଆଦିବାସୀ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

### ଜମିଲା ପାରମ୍ପରିକ ନାଚଗୀତର ଆସର

**ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ବାର୍ଷିକୋତ୍ସବ ଉଦ୍‌ଯାପିତ**

**ସୁନ୍ଦରଗଡ,୯।୧୨(ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାର ପ୍ରମୁଖ ଆଦିବାସୀ ସଙ୍ଗଠନ ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ୧୬ତମ ବାର୍ଷିକୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି । ସବଡେଗା ବ୍ଲକର କାଦୋପାନୀଠାରେ ଆୟୋଜିତ ଉଦଯାପନୀ ଦିବସରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ଡାଃ ପ୍ରଫୁଲ୍ଲ କୁମାର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲର ସୁରକ୍ଷା, ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପାରମ୍ପରିକ ଖେଳକୁଦ ଓ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମଙ୍ଗଳବାର ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସବଡେଗା ବ୍ଲକରେ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରକ୍ରିୟା ପାଇଁ ଖୁବ୍‌ଶୀଘ୍ର ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଉଥିବା ଉପଜିଲାପାଳ ସୂଚନା ଦେଇଥିଲେ। ସିଆଇଆର୍‌ଡି ଅନୁଷ୍ଠାନର ସମ୍ପାଦକ ନଟକିଶୋର ମିଶ୍ର ଆଦିବାସୀମାନଙ୍କ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ସହିତ ଜଳ, ଜଙ୍ଗଲ, ଜମି ତଥା ଜୀବନଜୀବିକା ଓ ପ୍ରକୃତିର ସୁରକ୍ଷା ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସବଡେଗା ତହସିଲଦାର ସୁଦୀପ କୁମାର ଟପ୍ପୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ଅଧିକାର ଆଇନ୍‌ର ସୁପରିଚାଳନା ଉପରେ ଆଲୋକପାତ କରିଥିଲେ। ବେଣୁଧର ବେହେରା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ଆଦିବାସୀଙ୍କ ପାରମ୍ପରିକ ନାଚଗୀତର ପ୍ରତିଯୋଗିତା ସହ ବୁଡାଝରନ ଓ ଗୋଜରଧରା ମଧ୍ୟରେ ପୁରୁଷ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକା ବାଳକଙ୍କ ମଧ୍ୟରେ ୧୦୦ମିଟର ଦୌଡ, ପୁରୁଷ ବିଭାଗରେ ଗୁଲେଶମରା ପ୍ରତିଯୋଗିତା, ମହିଳାଙ୍କ ମଧ୍ୟରେ ପିଠା ପ୍ରତିଯୋଗିତା ହୋଇଥିଲା। ସୁପ୍ରିଆନ୍ ଖାଖା, ଆବ୍ରାହାମ ଲାକ୍ରା, ଆବ୍ରାହାମ ତିର୍କୀ, ନୀଳିମା ଟପ୍ପୋ, ବିନୋଦ କୁଜୁର, ପ୍ରଦୀପ କୁଜୁର, ଭୂଷଣ କୁଜୁର, ସରୋଜିନୀ କୁଲୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସାଂସ୍କୃତିକ କାର୍ଯ୍ୟକ୍ରମକୁ କଟକଣାମୁକ୍ତ କର

**ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଦାବି**

**ବରଗଡ଼ ଅଫିସ,୯।୧୨**

ମହାମାରୀ କରୋନା ସଂକ୍ରମଣ ପାଇଁ ରହିଥିବା କଟକଣା ଯୋଗୁ କଳାକାରମାନେ ନିଜ ଜୀବିକା ହରାଇଛନ୍ତି। ସେମାନେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପାରୁନାହାନ୍ତି ଏବଂ ବେରୋଜଗାର ହୋଇପଡ଼ିଛନ୍ତି। ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ କଟକଣାମୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତି ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ ।



ବରଗଡ଼ ଡେପୁଟି କଲେକ୍ଟର ସୁମତି ପଣ୍ଡା ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ସାଂସ୍କୃତିକ କାର୍ଯ୍ୟକ୍ରମକୁ କଟକଣାମୁକ୍ତ କରାଯିବା ସହିତ କଳାକାରଙ୍କୁ କମ୍ ସୁଧରେ ଋଣ ପ୍ରଦାନ, କଳାକାର ଭତ୍ତା ୧୨୦୦ରୁ ୨୦୦୦ ଟଙ୍କାକୁ ବୃଦ୍ଧି, ପଞ୍ଜୀକୃତ କଳାକାରଙ୍କୁ ବସ୍ ଯାତ୍ରାରେ ରିହାତି, ଦୁଃସ୍ଥ କଳାକାରଙ୍କୁ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ପ୍ରଦାନ, ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦେବା ପାଇଁ ସଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଏବଂ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯିବା ଆଦି ଦାବି ନେଇ ବୁଧବାର ପୂର୍ବାହ୍ଣରେ କଳାକାରମାନେ ସ୍ଥାନୀୟ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇଥିଲେ । ସେଠାରୁ ସେମାନେ ନଗର କୀର୍ତ୍ତନ କରି ଜିଲାପାଳଙ୍କ ଅଫିସକୁ ଯାଇଥିଲେ ଏବଂ ୮ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ମହାସଂଘ ସଭାପତି ଚୈତନ୍ୟ ପାଇକ, ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ ।

### ୭୨୪.୦୬ କୋଟିରେ ହେବ ୨ ମେଗା ପାନୀୟଜଳ ପ୍ରକଳ୍ପ

**ବରଗଡ଼ ଅଫିସ୍,୯।୧୨:** ବରଗଡ଼ ଜିଲାବାସୀଙ୍କୁ ପାନୀୟଜଳ ଯୋଗାଣ ପାଇଁ ୭୨୪.୦୬ କୋଟି ଟଙ୍କାର ୨ଟି ମେଗା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ବୁଧବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ପ୍ରମୁଖ ଉପସ୍ଥିତ ରହି ଏହି ସୂଚନା ଦେଇଛନ୍ତି । ସେମାନେ କହିଥିଲେ, ୨ଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ ୫୦୮ କୋଟି ୭୫ଲକ୍ଷ ଏବଂ ଅନ୍ୟ ୨୧୫ କୋଟି ୩୧ଲକ୍ଷ ଟଙ୍କାର ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଟେ। ଏହି ପ୍ରକଳ୍ପ ଦ୍ୱାରା ଅତାବିରା ବ୍ଲକର ୭୩, ଭେଡ଼େନ ବ୍ଲକର ୯୬, ବରପାଲି ବ୍ଲକର ୧୬୯, ବିଜେପୁର ବିଜ୍ଞାପିତ ଅଞ୍ଚଳ ଓ ବ୍ଲକର ୧୦୯, ଗାଇସିଲେଟ ବ୍ଲକର ୧୦୨, ବରଗଡ଼ ବ୍ଲକର ୬୨ଟି ଗ୍ରାମର ଲୋକେ ଉପକୃତ ହେବେ । ଖବରଦାତା ସମ୍ମିଳନୀରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ।

## ଦୁର୍ଘଟଣାରେ ଯୁବକ ମୃତ

ବଡଗାଁ,(ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ବାଇବାଇ ଗାଁ ନିକଟ ରାଜ୍ୟ ରାଜପଥ-୧୦ରେ ବୁଧବାର ଅପରାହ୍ନରେ ଏକ ଭାରିଯାନ ଧକ୍କା ଦେବାରୁ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଉରକେଲା ମାଲଗୋଦାମ ବସ୍ତିର ଶେକ୍ ନିଆଜଉଦ୍ଦିନ (୩୦)। ତାଙ୍କ ମୃତଦେହକୁ ସ୍ଥାନୀୟ ଡାକ୍ତରଖାନାରେ ରଖାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ନଂ.ଓଡି୧୪ଏଫ/୩୬୨୨)କୁ ଜବତ କରି ତଦନ୍ତ କରୁଛି ।

## ସଂକ୍ଷେପରେ

### ପାନୀୟ ଜଳ ପାଇଁ ଜିଲାପାଳଙ୍କୁ ଅଭିଯୋଗ

ଜୁନାଗଡ,୯।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଚିଚୈଗୁଡା ଗ୍ରାମବାସୀ ପାନୀୟ ଜଳର ସମାଧାନ ପାଇଁ ଶେଷରେ ଅନ୍ୟ କିଛି ଉପାୟ ନ ପାଇଁ କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଏ ବିଷୟରେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚିଚୈଗୁଡା ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା ରହିଥିଲେ ମଧ ଗ୍ରାମର ଅଧିକାଂଶ ପରିବାର ପାନୀୟ ଜଳରୁ ବଞ୍ଚିତ ରହୁଛନ୍ତି। ଗ୍ରାମକୁ ଜଳ ଯୋଗାଣ ପାଇଁ ଗତ ୫ ବର୍ଷ ତଳେ ଏକ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଥିଲେ ମଧ ତାହା ଏ ପର୍ଯ୍ୟନ୍ତ ଲୋକଙ୍କ କାମରେ ଲାଗୁନାହିଁ। ଏହାକୁ ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, ବିଡିଓ ତଥା ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର ଗ୍ରାମରେ ଲାଗି ରହିଥିବା ପାନୀୟ ଜଳର ସମସ୍ୟାକୁ ସମାଧାନ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ସ୍ୱୟଂସହାୟକ ଗୋଷ୍ଠୀ ଋଣ ସଂଯୋଗୀକରଣ କର୍ମଶାଳା

ଭବାନୀପାଟଣା, ୯।୧୨ (ଡି.ଏନ.ଏ.): ସ୍ୱୟଂ ସହାୟକ ଦଳକୁ ବ୍ୟାଙ୍କ ସହିତ ସଂଯୋଗ କରିବା ସହ ସେମାନଙ୍କ ଆର୍ଥିକ ମାନଦଣ୍ଡକୁ କିଭଳି ଭାବରେ ସୁଦୃଢ କରାଯାଇ ପାରିବ ସେ ସମ୍ପର୍କରେ ଏକ କର୍ମଶାଳା କେସିଙ୍ଗା ବ୍ଲକସ୍ଥିତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ, ଏଏଫ୍ସି କଳାହାଣ୍ଡି, ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି କଳାହାଣ୍ଡିର ମିଳିତ ସହଯୋଗରେ ଆୟୋଜିତ ବ୍ଲକସ୍ତରୀୟ ବ୍ୟାଙ୍କ ସଂଯୋଗୀକରଣ କର୍ମଶାଳାକୁ କଳାହାଣ୍ଡି ନାବାର୍ଡର ଡିଡିଏମ୍ ମଳୟ କୁମାର ମେହେର ଓ କେସିଙ୍ଗା ବ୍ଲକ ଏବିଡିଓ ସିଦ୍ଧେଶ୍ୱର ମେହେର ଉଦ୍ଘାଟନ କରିଥିଲେ। ଉକ୍ତ ସଭାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେସିଙ୍ଗା, ଉତ୍କେଲା ଶାଖା ଓ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କେସିଙ୍ଗା ଶାଖାର ପରିଚାଳକମାନେ ଯୋଗଦେଇ ଆଗାମୀ ଦିନରେ ବ୍ୟାଙ୍କ ପକ୍ଷରୁ ସ୍ୱୟଂ ସହାୟକ ଦଳକୁ ଆର୍ଥିକ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୬୪ଟି ଗ୍ରୁପର ଏସ୍ଏଚ୍ଜିଙ୍କୁ ୪୯ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ଅନୁମୋଦନ ପତ୍ର ପ୍ରଦାନ କରିଥିଲେ। ବିମ୍ବାଧର ସାହୁ, ଅମ୍ରିତ୍ ପାଢୀ, ସତ୍ୟ ମିଶ୍ର, ଏସ୍ ମହାପାତ୍ର, ଗୌରାଙ୍ଗ ସାହାଣୀ, ସବିତା ସେଠୀ, ସୁରେନ୍ଦ୍ର କୁମାର ଜାଲ, ଉମେଶଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ମହାନ୍ତି ଏବଂ ବିଧୁ ଭୂଷଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧାନଖରି ଜଳିଗଲା

ବଲାଙ୍ଗୀର ଅଫିସ, ୯।୧୨: ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ରାଣୀକଟା ଗାଁରେ ଚାଷୀ ଏକାଦଶିଆ ବଗର୍ତ୍ତିଙ୍କ ଏକ ଧାନଖରି ବୁଧବାର ଅପରାହ୍ଣରେ ନିଆଁ ଲାଗି ଜଳିଯାଇଛି। ଖବର ପାଇ ବଲାଙ୍ଗୀର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କିଭଳି ଖରିରେ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ । ଚାଷୀ ବଗର୍ତ୍ତି ୩ ଏକର ଜମିର ଧାନ ଅମଳ କରି ଖଳାରେ ରଖିଥିଲେ ।

### ସୂଚନା ଅଧିକାର ଆଇନରେ ମିଳୁନି ସମ୍ପୂର୍ଣ୍ଣ ତଥ୍ୟ

ଗୁଡଭେଲା, ୯।୧୨(ଡି.ଏନ.ଏ.) ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ ସୂଚନା ଅଧିକାର ଆଇନରେ ସମ୍ପୂର୍ଣ୍ଣ ତଥ୍ୟ ମିଳୁନାହିଁ ଏହିପରି ଅଭିଯୋଗ କରି କରି ବୁଧବାର ସାମାଜିକ କର୍ମୀ ନରେନ୍ଦ୍ର ସୁନା ତୁଷୁରା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ୨୦୨୦ ଅକ୍ଟୋବର ୨୭ତାରିଖରେ ସୂଚନା ଅଧିକାର ବଳରେ ସେ ତୁଷୁରା ଏନଏସିକୁ କିଛି ତଥ୍ୟ ମାଗିଥିଲେ। ଏନଏସି କେବେଠାରୁ ଆରମ୍ଭ ହେଉଛି, କେତେ କର୍ମଚାରୀ ଅଛନ୍ତି, ସେମାନଙ୍କ ନାମ, ସ୍ଥାୟୀ ଅଥବା ଠିକା କର୍ମଚାରୀ ବିଷୟରେ ଜାଣିବା ପାଇଁ ତଥ୍ୟ ମଗାଯାଇଥିଲା। ହେଲେ ଏନଏସି ପକ୍ଷରୁ ହାତଲେଖା ତଥ୍ୟ ଅସ୍ପଷ୍ଟ ଓ ବହୁସ୍ଥାନରେ କଟାଯାଇଥିବା ଯୋଗୁ ସେ ଗ୍ରହଣ କରି ନ ଥିଲେ। ପରେ ଏନଏସି କର୍ମଚାରୀ ପ୍ରକାଶ ବିଶୋଇ ତାଙ୍କ ଘରକୁ ଯାଇ ତଥ୍ୟ ସମ୍ପର୍କିତ ସେହି କାଗଜାତ୍ ଦେଇଥିଲେ। ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପଚାରିବାରୁ କହିଛନ୍ତି ଯେ, ଆମ ପାଖରେ ଯାହା ତଥ୍ୟ ଥିଲା ଦେଇଛୁ। ଆବେଦନକାରୀ ନ ନେବାରୁ ତାଙ୍କ ଘରକୁ ନେଇ ଦେଇଥିଲୁ ବୋଲି ସେ କହିଛନ୍ତି।



ହୀରାକୁଦଠାରେ ଇକୋ-ରିଟ୍ରିଟ ଉଦ୍ଘାଟନୀ ଉତ୍ସବରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ଅନ୍ୟ ଅତିଥିମାନେ ।



ଇକୋ-ରିଟ୍ରିଟରେ ଜଳଭଣ୍ଡାରେ ବୋଟ୍‌ର ମଜା ନିଆଯାଉଛି

# ପର୍ଯ୍ୟଟକଙ୍କୁ ସୁଯୋଗ ଦେବ ଇକୋ-ରିଟ୍ରିଟ୍

ସମ୍ବଲପୁର,୯।୧୨(ବ୍ୟୁରୋ)

- ଡିସେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ
- ବୁକିଂ ହେଲାଣି ୧୨ କଟେଜ୍
- ଜନସାଧାରଣଙ୍କ ପାଇଁ ଜେଟ ସ୍କି, ବୋଟିଂ ବ୍ୟବସ୍ଥା

ସମ୍ବଲପୁରର ହୀରାକୁଦ ଜଳଭଣ୍ଡାର ତଟରେ ବୁଧବାର ଇକୋ-ରିଟ୍ରିଟ୍ ଆରମ୍ଭ ହୋଇଛି। ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୁଜାରୀ, କୁଚିଣ୍ଡା ବିଧାୟକ କିଶୋର ନାଏକ, ସମ୍ବଲପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଉତ୍ତରାଞ୍ଚଳ ଆର୍ଡିସି ନିରଞ୍ଜନ ସାହୁ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍ଫରେନ୍ସରେ ବାର୍ତ୍ତା ଦେଇଥିଲେ। ପରେ ଅଧ୍ୟକ୍ଷା ମିଶ୍ର ଫିତା କାଟି ଲୋକାର୍ପଣ କରିଥିଲେ। ଏହିଅବସରରେ ମିଶ୍ର କହିଥିଲେ ଯେ, ରାଜ୍ୟ ସରକାର ପର୍ଯ୍ୟଟନର ବିକାଶ ଦିଗରେ ଗୁରୁତ୍ୱ ଦେଇଆସୁଛନ୍ତି। ଏକାସାଙ୍ଗରେ ୫ଟି ସ୍ଥାନରେ ଇକୋ ରିଟ୍ରିଟ କରାଯାଇଛି। ପଶ୍ଚିମ ଓଡିଶାର ସମ୍ବଲପୁର ଜିଲାକୁ ଚୟନ କରାଯାଇଥିଲା। ଏଠାରେ ହୀରାକୁଦ ଜଳଭଣ୍ଡାର, ଡେବ୍ରିଗଡ ଅଭୟାରଣ୍ୟ ସହ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି। ଇକୋ ରିଟ୍ରିଟରେ ସ୍କାଏଡିଂ, ଜଳଭଣ୍ଡାରରେ ବୋଟ୍‌ରେ ଜଳକ୍ରୀଡା, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଇକ୍ଲିଂ, ମାଛ ମାରିବା, ଯୋଗାଭ୍ୟାସ ଭଳି ପର୍ଯ୍ୟାପ୍ତ ସୁବିଧା ରହିଛି। ଡିସେମ୍ବର ୯ରୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଇକୋ ରିଟ୍ରିଟ ଫେଷ୍ଟିଭାଲ ଚାଲିବ। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଜଳଭଣ୍ଡାରରେ ଫାଇଟର ବୋଟ, ପାରା ମୋଟରିଂ, କୟାକ, ଜେଟ ସ୍କି ଭଳି ବ୍ୟବସ୍ଥା ରହିଛି। ଏହା ସହ ପର୍ଯ୍ୟଟକମାନେ ନିକଟରେ ଥିବା ଡେବ୍ରିଗଡ ଅଭୟାରଣ୍ୟ, ହୀରାକୁଦ ଡ୍ୟାମ, ରୋପ-ୱେ, ସମଲେଇମନ୍ଦିର, ହୁମା ବକ୍ର ମନ୍ଦିର ଆଦି ପର୍ଯ୍ୟଟନ ସ୍ଥଳ ବୁଲିପାରିବେ। ପର୍ଯ୍ୟଟକଙ୍କ ପାଇଁ ୨୦ଟି ପ୍ରିମିୟମ ଟେଣ୍ଟ, ୫ଟି ରଜୱାଡି ଟେଣ୍ଟ ରହିଛି। ଏହାସହ ଅଭ୍ୟର୍ଥନା କକ୍ଷ, ସମ୍ମିଳନୀ କକ୍ଷ, ରେଷ୍ଟୁରାଣ୍ଟ ମଧ ରହିଛି। ବର୍ତ୍ତମାନ ସୁଦ୍ଧା ୧୨ କଟେଜ୍ ବୁକିଂ ହୋଇଥିବା ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ ପ୍ରଧାନ କହିଛନ୍ତି। ସେ କହିଥିଲେ, ଯେଉଁମାନେ ବୁକିଂ କରି ରହିବେ ସେମାନଙ୍କୁ ରହିବା, ଖାଇବା ଓ ଭ୍ରମଣ କରିବାର ସୁବିଧା ଦିଆଯିବ। ଅନ୍ୟ ମଜା ଉଠାଇବା ପାଇଁ ଦେୟ ଦେବାକୁ ପଡିବ।

## ମିଲର୍ସ କବ୍‌ଜାରେ ମଣ୍ଡି

ସମ୍ବଲପୁର,୯।୧୨(ବ୍ୟୁରୋ)

ରାଜ୍ୟ ସରକାର ଧାନ ସଂଗ୍ରହ ପ୍ରକ୍ରିୟା ସୁଚାରୁରୂପେ ତୁଲାଇ ପାରୁନାହାନ୍ତି। ମଣ୍ଡିଗୁଡିକରେ ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ସମବାୟ ବିଭାଗ ଧାନ କିଣାବିକାରେ ଏଜେନ୍ସି ରହିଛି। କିନ୍ତୁ ବାସ୍ତବରେ ମଣ୍ଡିଗୁଡିକ ମିଲର୍ସଙ୍କ ପରିଚାଳନାରେ ଚାଲୁଛି ବୋଲି ବୁଧବାର ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରକାଶ କରିଥିଲେ। ସେହିପରି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଥିଲେ, କେନ୍ଦ୍ର ସରକାର ଏମ୍ଏସ୍ପି କ୍ରମାଗତ ଭାବେ ବୃଦ୍ଧି କରିଚାଲିଛନ୍ତି। ଏଥିରେ ଚାଷୀଙ୍କୁ ଲାଭ ମିଳୁଛି। ରାଜ୍ୟ ସରକାରଙ୍କ ଧାନ ସଂଗ୍ରହରେ ବିଭ୍ରାଟ ରହୁଛି। ବୋନସ୍ ମଧ ଦେଉନାହାନ୍ତି। ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ କହିଥିଲେ, କେନ୍ଦ୍ର କୃଷି ଆଇନକୁ ଜିଲା ଭାଜପା ସ୍ୱାଗତ କରୁଛି। ରାଜ୍ୟ ସରକାର ଏକର ପିଛା ନିର୍ଦ୍ଧାରିତ କରିଥିବା ପରିମାଣଠାରୁ ଅଧିକ ଧାନ ଅମଳ ହେଉଛି। ତେଣୁ ବଳକା ଧାନ ଚାଷୀମାନେ କିଭଳି ବିକ୍ରି କରିବେ ସେ ନେଇ ସରକାର ଚିନ୍ତା କରନ୍ତୁ। ଜିଲା ସଭାପତି ଗିରିଶ ପଟେଲ, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଭାଜପା ସାଧାରଣ ସମ୍ପାଦକ ଅନୀଲ ବେହେରା, ମିଡିଆ ପ୍ରଭାରୀ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଦେବଗଡ଼, ୯।୧୨(ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ କାଦୋପଡ଼ା ପଞ୍ଚାୟତ ମହୁପାଳ ଗ୍ରାମ ଅବହେଳିତ ହୋଇରହିଛି। କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଯୋଜନା କରୁଥିଲେ ମଧ୍ୟ ତାହାର ସୁବିଧା ଏହି ଗ୍ରାମବାସୀ ପାଉନାହାନ୍ତି। ପାନୀୟ ଜଳ, ବିଜୁଳି ଆଲୁଅ, ଘରଡ଼ିହ, ଚାଷ ଜମି ଓ ରାସ୍ତାଭଳି ମୌଳିକ ସୁବିଧାରୁ ଏଯାଏ ବଞ୍ଚିତ ଅଛନ୍ତି ମହୁପାଳ ଗ୍ରାମର ୩୦ ଆଦିବାସୀ ପରିବାର। ୧୧୦ ଜନସଂଖ୍ୟା ବିଶିଷ୍ଟ ୨୬ ଭୂୟାଁ ଓ ୪ କନ୍ଧ ଆଦିବାସୀ ସମ୍ପ୍ରଦାୟ ପରିବାର ଏହି ଗ୍ରାମରେ ବସବାସ କରି ଆସୁଥିଲେ ମଧ୍ୟ ଏ ଯାଏ ମୌଳିକ ସୁବିଧାରୁ ବଞ୍ଚିତ ରହି ଦୟନୀୟ ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି। ମହୁପାଳ ଗ୍ରାମକୁ ପହଞ୍ଚିବା ଲାଗି ତିନୋଟି ପାହାଡ଼ର ପାଦଚଲା ରାସ୍ତା ଅତିକ୍ରମ କରିବା ସହ ଦୁଇଟି ନାଳ ପାରିକରିବାକୁ ପଡ଼ିଥାଏ। ଆମ୍ବୁଲାନ୍ସ ସେବା ଗ୍ରାମବାସୀଙ୍କ ଲାଗି ସ୍ୱପ୍ନ। ଶିକ୍ଷାରୁ ବଞ୍ଚିତ ଗ୍ରାମର ଶିଶୁ। ପାନୀୟ ଜଳ ସୁବିଧା ନାହିଁ। ଝରଣା ପାଣି ହିଁ ଲୋକଙ୍କ ଭରସା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୟଜଳ ଭଳି ମୌଳିକ ସୁବିଧା ପାଇଁ ପ୍ରଶାସନ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ଆଗରେ ନେହୁରା ହେଉଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବୁଧବାର ଉକ୍ତ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିଥିଲେ। ଉକ୍ତ ଗ୍ରାମର କୈଳାସଚନ୍ଦ୍ର ଭୋଇ, ସଞ୍ଜୟ ଷଣ୍ଢିଆ, ଯଦୁମଣି ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମର ବହୁ ମହିଳା, ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ହାତରେ ପ୍ଲାକାର୍ଡ଼ ଧରି ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଡେ଼ପୁଟି କଲେକ୍ଟର ଯଶୋବନ୍ତ ଦେହୁରୀ ଧାରଣାରତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଆଗାମୀ ଏକ ସପ୍ତାହ ମଧ୍ୟରେ ଗ୍ରାମବାସୀଙ୍କ ସହ ଜିଲା ପ୍ରଶାସନ ଏକ ବୈଠକ କରି ରାଜସ୍ୱ ଆଇନ ଅନୁଯାୟୀ ସେମାନଙ୍କ ଦାବିପୂରଣ ପାଇଁ ଉଦ୍ୟମ କରାଯିବାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।

## ଟ୍ରାଫିକ ନିୟମ ଉଲ୍ଲଂଘନ, ଜରିମାନା ଦେଲେ ପୋଲିସ ଏଏସଆଇ

ଦେବଗଡ଼, ୯।୧୨(ଡି.ଏନ.ଏ.)

ଦେବଗଡ ଥାନାଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥରେ ଯାନବାହନଗୁଡିକୁ କଡାକଡି ଯାଞ୍ଚ କରାଯାଉଛି। ଯାଞ୍ଚବେଳେ ଆଇନ ଉଲ୍ଲଂଘନକାରୀଙ୍କଠାରୁ ଦେବଗଡ ଥାନା ପୋଲିସ ୧୬ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ୮ ଗାଡି ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିଛି। ଯାଞ୍ଚ ସମୟରେ ଆଇନ ଅମାନ୍ୟ କରୁଥିବା ଖୋଦ ଜଣେ ପୋଲିସ ଏଏସ୍ଆଇଙ୍କ ଠାରୁ ଜରିମାନା ଆଦାୟ କରାଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଦେବଗଡ ଥାନା ପୋଲିସ ପକ୍ଷରୁ ପୌରାଞ୍ଚଳର ପୁରୁଣାଗଡସ୍ଥିତ ପେଟ୍ରୋଲ ପମ୍ପ ଛକରେ ଯାନବାହନ ଯାଞ୍ଚ କରାଯାଉଥିବା ସମୟରେ ଦେବଗଡ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ପୋଲିସ ଏଏସ୍ଆଇ କିଶୋର ଚନ୍ଦ୍ର ସୁନା ଉକ୍ତ ରାସ୍ତାରେ ବିନା ହେଲମେଟରେ ବାଇକ ଚଳାଇ ଯାଉଥିଲେ। ଯାଞ୍ଚ କରୁଥିବା ସବଇନ୍ସପେକ୍ଟର ପ୍ରଦୀପ ରଞ୍ଜନ ପାତ୍ର ଓ ବୁଦ୍ଧରାଏ ମାଝୀ ପ୍ରମୁଖ ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ଏଏସ୍ଆଇ ସୁନା 'ମୁଁ ଜଣେ ପୋଲିସ ଏଏସ୍ଆଇ' ବୋଲି କହିବା ସହ ଖସିବାକୁ ଉଦ୍ୟମ କରିଥିଲେ। ମାତ୍ର ନିୟୋଜିତ ଅଧିକାରୀମାନେ ସମସ୍ତଙ୍କ ପାଇଁ ଗୋଟିଏ ଆଇନ ରହିଥିବା ଦର୍ଶାଇ ଜରିମାନା ବାବଦକୁ ତାଙ୍କଠାରୁ ୧ ହଜାର ଟଙ୍କା ଆଦାୟ ଦେବାକୁ କହିଥିଲେ। ଫଳରେ ସମ୍ପୃକ୍ତ ଏଏସ୍ଆଇ ଜଣକ ଏକ ହଜାର ଟଙ୍କା ଜରିମାନା ଦେବା ପରେ ସେଠାରୁ ମୁକୁଳି ଥିଲେ।

## ଟାଟା ପାୱାରକୁ ମିଳିତ ମଞ୍ଚର ବିରୋଧ

ସମ୍ବଲପୁର,୯।୧୨(ବ୍ୟୁରୋ) ୱେସ୍କୋକୁ ଟାଟା ପାୱାର (ଘରୋଇ କମ୍ପାନୀ) ହାତକୁ ଟେକିଦିଆଯିବାକୁ ୱେସ୍କୋ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ବିରୋଧ କରୁଛି ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ମଞ୍ଚର ସଦସ୍ୟମାନେ ପ୍ରକାଶ କରିଥିଲେ। ସେମାନେ କହିଥିଲେ ଯେ, ଟାଟା ପାୱାର ସେସୁକୁ କିଣିବା ପରେ କର୍ମଚାରୀଙ୍କ ସର୍ତ୍ତାବଳୀରେ ପରିବର୍ତ୍ତନ ଆଣିବା ନେଇ କମ୍ପାନୀର ଦୁରଭିସନ୍ଧି ରହିଛି। ରାଜ୍ୟରେ ବେକାର ଯୁବତୀଯୁବକ ଥିବାବେଳେ ରାଜ୍ୟ ବାହାରୁ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ଉପଭୋକ୍ତା ସିକ୍ୟୁରିଟି ଟଙ୍କା ଓ ସେସୁ ସମ୍ପତ୍ତିକୁ ବନ୍ଧାରଖି ବଜାରରୁ ଋଣ ଉଠାଇବା ପାଇଁ ଓଇଆର୍ସିରେ ଆବେଦନ କରିଛି। ଜନଶୁଣାଣି ବିନା ସରକାରୀ ସମ୍ପତ୍ତି ଘରୋଇକରଣ କରାଯାଉଛି। ଏହା ଉପଭୋକ୍ତା ଓ ଜନସାଧାରଣ ପ୍ରତି ଉପହାସ ସଦୃଶ। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୧୬ରେ ଧାରଣା ଏବଂ ୧୭ରେ ଧାରଣା ଦିଆଯିବ।

## ହଳଧର ନାଗ ଗବେଷଣା କେନ୍ଦ୍ରର ଭୂମିପୂଜନ



ଘେଁସରେ ହଳଧର ନାଗ ଗବେଷଣା କେନ୍ଦ୍ରର ଭୂମିପୂଜନ କରାଯାଉଛି ।

ସୋହେଲା,୯।୧୨(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ବ୍ଲକର ଘେଁସ କଲେଜ ପରିସରରେ ବୁଧବାର ପଦ୍ମଶ୍ରୀ ହଳଧର ନାଗ ସମ୍ବଲପୁରୀ/କୋଶଲି ଭାଷା, ସାହିତ୍ୟ ଗବେଷଣା କେନ୍ଦ୍ର ଏବଂ ସ୍ଥାନୀୟ କଲେଜର ନୂତନ ଶ୍ରେଣୀଗୃହ, ପ୍ରଶାସନିକ ଭବନର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭବେ ଯୋଗଦେଇ ପଦ୍ମଶ୍ରୀ ହଳଧର ନାଗଙ୍କ ସହିତ ଭୂମିପୂଜନ କରିଥିଲେ। ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ ସମ୍ମାନିତ ଅତିଥି ଥିଲେ । ଏହି ଅବସରରେ ଅଭିମନ୍ୟୁ ସାହିତ୍ୟ ସଂସଦର ପୂର୍ବତନ ସଭାପତି ଅଶୋକ ପୂଜାହାରୀ, ସଭାପତି ସୁଶାନ୍ତ କୁମାର ମିଶ୍ର, ସମ୍ପାଦକ ଶୋଭାଚନ୍ଦ୍ର ପଧାନ, ନାଟ୍ୟକାର କେଶରଞ୍ଜନ ପଧାନ, ଅଶୋକ ବହିଦାର, ଉତ୍ପନ୍ନ ଭୋଇ, ମୋହନ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ବହଲପଦର ଧାନମଣ୍ଡି ଉଦ୍‌ଘାଟିତ

ଅମରପାଲି,୯।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଦୁର୍ଜନତୈଳା ସରପଞ୍ଚ ରଞ୍ଜିତ ଖେତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଚାଷୀ ବିମ୍ବାଧର ସାହୁ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ସେବା ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, କର୍ମଚାରୀ ଘନଶ୍ୟାମ କଲତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମଣ୍ଡି ଉଦ୍‌ଘାଟନ ହୋଇଥିଲେ ମଧ ପ୍ରଥମ ଦିନ ଧାନ ଉଠିପାରି ନ ଥିଲା ।

# ଜୀବିକା ସଙ୍କଟରେ ମତ୍ସ୍ୟଜୀବୀ

ସୋନପୁର,୯।୧୨(ନି.ପ୍ର.)

ଜୀବନ ସଂଗ୍ରାମରେ ଅନେକ ସମ୍ପ୍ରଦାୟ ଏବେ ବି ନିଜର କୌଳିକ ବୃତ୍ତି ଛାଡି ନାହାନ୍ତି । ତେବେ ବର୍ତ୍ତମାନ ପରିସ୍ଥିତିରେ ଆବଶ୍ୟକ ହେଉଥିବା ଆନୁସଙ୍ଗିକ ଜିନିଷର ଅଭାବ ଏ ଦିଗରେ ଅନ୍ତରାୟ ସାଜିଛି । ମହାନଦୀ ଓ ତେଲନଦୀର କୂଳେ କୂଳେ କାହିଁ କେଉଁ କାଳରୁ ରହି ଆସିଥିବା ଝରା, ଗିଙ୍ଗିରା ଓ କେଉଟ ସମ୍ପ୍ରଦାୟ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ମାଛ ମାରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମହାନଦୀ ପାଣିର ସ୍ରୋତକୁ ଦେଖି ମାଛ ମାରିବା ପାଇଁ ପାରମ୍ପରିକ ପଦ୍ଧତିରେ ତିଆରି ହେଉଥିବା ଧଇର, ବେନ୍ଦା, ଦାନ୍ଦର, ଘରି, ନୁଆଲି, ଟଙ୍ଗା, ଉଞ୍ଚ ଆଦି ଆଉ ଦେଖିବାକୁ ମିଳୁନାହିଁ । ମାଛମରା କୌଶଳରେ ଆବଶ୍ୟକ ହେଉଥିବା ଏହିସବୁ ସାମଗ୍ରୀ ଏବେ ଲୁପ୍ତପ୍ରାୟ । ଫଳରେ ପାରମ୍ପରିକ ଶୈଳୀରେ ମାଛ ମାରି ନିଜର ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀ ପରିବାର ଏବେ ସଙ୍କଟ ଦେଇ ଗତି କରୁଛନ୍ତି। ସୁବର୍ଣ୍ଣପୁର ଜିଲା ଦେଇ ବହି ଯାଇଥିବା ମହାନଦୀର କୂଳବର୍ତ୍ତୀ ଦାଦରପାଲି, ଝରାପଡା, ନାଚନିପଦର, ଦଶରାଜପୁର, ବାଘପାଲି, ବଡମାଲ, କେଉଟପାଲି, କେଲଗାଁ, ବିନିକା ଗୁଲାପଡା, ମଣିଗାଁ ଡେରା, ରହିଲା, ତୁଣ୍ଡୁପାଲି ଝରାପଡା, ପଣ୍ଡକିଟାଲ ଆଦି ଗାଁଗୁଡିକରେ ଝରା ସମ୍ପ୍ରଦାୟର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ସେହିପରି ସୋନପୁର ସହର ସମେତ ନିମ୍ନା, ଦଶରାଜପୁର ଓ ତେଲେଣ୍ଡାରେ ଗିଙ୍ଗିରା, କେଉଟ ପରିବାର ରହୁଛନ୍ତି । ଏହି ସମ୍ପ୍ରଦାୟର ଲୋକେ ପରୁଷାନୁକ୍ରମେ ମହାନଦୀ ଗର୍ଭରୁ ଡଙ୍ଗାରେ ପାରମ୍ପରିକ ଶୈଳୀରେ ମାଛ ଧରି ସ୍ଥାନୀୟ ବଜାରରେ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି । ଏହାବ୍ୟତୀତ ବର୍ଷର ବିଭିନ୍ନ ସମୟରେ ମହାନଦୀ ପାଣିକୁ ଦେଖି ସୁରକ୍ଷିତ ଭାବେ ମାଛ ଧରିବା ପାଇଁ ଧଇର, ବେନ୍ଦା, ଦାନ୍ଦର, ଘରି, ଚୁଆଲି, ଟଙ୍ଗା ଓ ଉଞ୍ଚ ଆଦି ନିଜ ହାତରେ ତିଆରି



ମତ୍ସ୍ୟଜୀବୀମାନେ ପାରମ୍ପରିକ ଦେଶୀ ଡଙ୍ଗାକୁ ପୂଜା କରୁଛନ୍ତି ।

କରୁଥିଲେ । ଏହିସବୁ ଜିନିଷ ତିଆରି ପାଇଁ ଶୁଖା ବାଉଁଶକୁ କିଛି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ପାଣିରେ ବୁଡାଇ ରଖିବା ପରେ ତାକୁ ଧାରୁଆ ଅସ୍ତ୍ର ସାହାଯ୍ୟରେ ପତଳା କରି କାଟି ବୁଣୁଥିଲେ । ଦିନ ଦିନ ଧରି ପାଣିରେ ବୁଡି ନଷ୍ଟ ନ ହେବା ପାଇଁ ଏସବୁ ନିର୍ମାଣ ସମୟରେ କୌଣସି ରାଶି ବା ସୂତା ବ୍ୟବହାର ହୋଇ ନ ଥାଏ । ମହାନଦୀରୁ ମିଳୁଥିବା ଜାମୁଚି ନାମକ ଏକ ବୁଦା କାଟି ତାକୁ ଶୁଖାଇ ପୁଣି ପାଣିରେ ବୁଡାଇ ପତଳା କରି କାଟି ସୂତା ଭାବେ ବ୍ୟବହାର କରୁଥିଲେ । ଏହି ସବୁ ଜିନିଷକୁ ଏକ

### ଲୁପ୍ତପ୍ରାୟ ପାରମ୍ପରିକ ମାଛମରା କୌଶଳ

ନିର୍ଦ୍ଦିଷ୍ଟ ମାପରେ ନ କଲେ ମାଛ ମାରିବା କଷ୍ଟକର ହୋଇଥାଏ । ତେଣୁ ଏକ ସ୍ୱତନ୍ତ୍ର ମାପ କରି ଏ ସବୁକୁ ତିଆରି କରାଯାଏ ବୋଲି କୁହନ୍ତି ଝରାପଡାର ଘମୁଡୁ ଝରା। ଗୋଟିଏ ଧଇର ନିର୍ମାଣ ପାଇଁ ପ୍ରାୟ ୧୫ ଦିନ ଓ ଗୋଟିଏ ବେନ୍ଦା ତିଆରି ପାଇଁ ପ୍ରାୟ ୭ ଦିନ ସମୟ ଲାଗିଥାଏ । ଏପରିକି ଝରା ଓ ଗିଙ୍ଗିରା ସମ୍ପ୍ରଦାୟର ଲୋକେ ମାଛ ମାରିବା ପାଇଁ ମହାନଦୀ ଭିତରେ ଅସ୍ଥାୟୀ କୁଡିଆ ନିର୍ମାଣ କରି ଦଶହରା ଠାରୁ ମହାନଦୀରେ ପ୍ରଥମ ବନ୍ୟା ଜଳ ଆସିବା ପର୍ଯ୍ୟନ୍ତ ନିଜର ପରିବାର ଧରି ମାଛ ମାରୁଥିଲେ। ତେଣୁ ଏମାନେ ମହାନଦୀକୁ ନିଜର ମା' ଓ ଡଙ୍ଗାକୁ ନିଜର ବାପା ଭାବରେ ଗ୍ରହଣ କରି ଏହାର ସୁରକ୍ଷା ପାଇଁ ସର୍ବଦା ଉଦ୍ୟମ ଜାରି ରଖିଥିଲେ । କିନ୍ତୁ ବର୍ତ୍ତମାନ ମହାନଦୀରେ ରାସାୟନିକ ଔଷଧର ବହୁଳ ପ୍ରୟୋଗ ଓ ବ୍ଲାଷ୍ଟିଂ ଫଳରେ ଅନେକ ପ୍ରଜାତିର ମାଛ ବଂଶ ଲୋପ ପାଇ ସାରିଥିବା ବେଳେ ଆଉ କିଛି ଲୁପ୍ତ ହେବା ଅବସ୍ଥାରେ ଅଛି । ମହାନଦୀରେ ମାଛ ମାରିବା ପାଇଁ ଅସାମାଜିକ ଲୋକଙ୍କ ଦ୍ୱାରା ଅତ୍ୟଧିକ ରାସାୟନିକ ଔଷଧର ପ୍ରୟୋଗ କରାଯାଉଛି । ଏବେ କେତେକ ମତ୍ସ୍ୟଜୀବୀ ଦେଶୀଡଙ୍ଗା ସାହାଯ୍ୟରେ ନଦୀକୁ ଯାଇ ଜାଲରେ ମାଛ ମାରିବା ଦେଖିବାକୁ ମିଳୁଛି । ଅପରପକ୍ଷରେ ମାଛମରା ପାଇଁ ପାରମ୍ପରିକ ମାଛଧରା ସାମଗ୍ରୀ ତିଆରି ପାଇଁ ଆବଶ୍ୟକ ପଡୁଥିବା ଜିନିଷର ଅଭାବ ଦେଖାଦେଇଛି। ଫଳରେ ବର୍ତ୍ତମାନର ଯୁବପିଢି ବିମୁଖ ହେଉଥିବା ଝରାପଡା ଗ୍ରାମର ବୈଦ୍ୟନାଥ ବେହେରା, ରାମେଶ୍ୱର ନାଏକ ଓ ଧ୍ରୁବେଇ ଗିଙ୍ଗିରା ପ୍ରମୁଖ ଅତ୍ୟନ୍ତ କ୍ଷୋଭର ସହ ପ୍ରକାଶ କରିଛନ୍ତି । ପାରମ୍ପରିକ ମାଛମରା ପଦ୍ଧତିକୁ ବଞ୍ଚାଇ ରଖିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଯିବାକୁ ଝରା ସଂଘର ସଭାପତି ଡିଗେଶ୍ୱର ନାଏକ ଦାବି କରିଛନ୍ତି ।

